ଉପଦେଷ୍ଟା ମଣ୍ଡଳୀ
ସ୍ନେହ ମିଶ୍ର
ବନ୍ଦନା ପଟ୍ଟନାୟକ
ନମିତା ଗୌଡ

ସମ୍ପାଦନା
ଦିଲ୍ଲୀପ୍ କୁମାର ବିଶ୍ୱାଳ

ସମ୍ପାଦନା ମଣ୍ଡଳୀ
ରୀତାଞ୍ଜଳୀ ବଗର୍ତ୍ତୀ
ଟୁକୁନା ଖଟାଇ
ବିଦେଶୀ ନାୟକ
ବନିତା ବେହେରା
ଧବଳେଶ୍ୱର ପ୍ରଧାନ
କିଶୋର ପ୍ରଧାନ
ବିଶ୍ୱନାଥ ଗୌଡ

ସଂଯୋଜନା ଓ ଉପସ୍ଥାପନା
ବସନ୍ତ କୁମାର ପଟ୍ଟନାୟକ

# ଆମ ଅନୁଭୂତି

(ମହିଳା ମାନଙ୍କ ବାର୍ଷିକ ମୁଖପତ୍ର)

୧ମ ବର୍ଷ ୧ମ ସଂଖ୍ୟା

୨୦୧୭-୨୦୧୮

(କେବଳ ଘରୋଇ ପ୍ରସାର ନିମନ୍ତେ)



## ସମ୍ପାଦକୀୟ

ପରିବାରକୁ ଆଗକୁ ନେବାରେ ମହିଳା ମାନଙ୍କର ଭୂମିକା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ କିନ୍ତୁ ମହିଳା ମାନଙ୍କର ପରିଶ୍ରମକୁ ସଦାସର୍ବଦା ହେୟ ମନେକରାଯାଇଥାଏ । ଆବଶ୍ୟକ ପଡିଲେ ମହିଳାମାନେ କେବଳ ଘରକୁ ସମ୍ଭାଳି ନଥାନ୍ତି ଦରକାର ପଡିଲେ ଘରୁ ଗୋଡ କାଢି ପୁରୁଷ ସହ କାନ୍ଧକୁ କାନ୍ଧ ମିଳାଇ ରୋଜଗାର କରି ଘରର ଆବଶ୍ୟକତାକୁ ମେଣ୍ଟାଇ ଥାଆନ୍ତି କିନ୍ତୁ ଏହି ପୁରୁଷ ପ୍ରଧାନ ସମାଜରେ ମହିଳାଟି କର୍ମକ୍ଷେତ୍ରରେ ପ୍ରାୟତଃ ଭେଦଭାବର ସମ୍ମୁଖୀନ ହୋଇଥାଏ । ଏହି ପତ୍ରିକାରେ ମହିଳାମାନଙ୍କର କିଛି ସଂଘର୍ଷ ଓ ସଫଳ କହାଣୀ ସ୍ଥାନ ପାଇଅଛି । ଆଶା ଏହି ପତ୍ରିକାର ସଫଳତାର ବାର୍ତ୍ତା ସମସ୍ତଙ୍କ ପାଖରେ ପହଞ୍ଚିବ ଓ ଅନ୍ୟ ମାନଙ୍କର ମନୋଭାବରେ ପରିବର୍ତ୍ତନ ଆଣିବାରେ ସହାୟକ ହେବ ।

## ସଂଘର ବଳ...

ମୋର ନାମ ବଙ୍ଗାଳୀ ଜେଡ୍ । ମୋର ସ୍ୱାମୀଙ୍କ ନାମ ସୁବାଷ ଜେଡ୍ । ମୁଁ ନିଜ ଗ୍ରାମ ପାଖରେ ଜଣେ କଣ୍ଟ୍ରାକ୍ଟରଙ୍କ ଘରେ ଘରୋଇ ଶ୍ରମିକ ଭାବରେ କାର୍ଯ୍ୟ କରୁଛି । ମୋ ସହିତ ମୋ ସ୍ୱାମୀ ମଧ୍ୟ ତାଙ୍କ ଘରେ କାମ କରନ୍ତି ।

ମୋତେ ସେମାନେ ମାସକୁ ଠିକ୍ ଭାବରେ ଦରମା ଟଙ୍କା ଦେଉନାହାନ୍ତି । ବେଳେ ବେଳେ ଦୁଇ ହଜାର ଓ କେତେ ବେଳେ ୫୦୦ ଏମିତି ଟଙ୍କା ଦେଉଛନ୍ତି ଯାହାର ହିସାବ ମୁଁ ମଧ୍ୟ ଠିକ୍ ଭାବେ ରଖି ପାରେ ନାହିଁ ।

ମୁଁ ମୋର ନିଜଘର କାମ ସାରି ତାଙ୍କ ଘରର ସମସ୍ତ କାର୍ଯ୍ୟ କରେ ଓ ଘର କାମ ସାରିଲାପରେ ତାଙ୍କ କ୍ଷେତ, ଜମି ଓ ରାଇସ୍ ମିଲ୍ ରେ ମଧ୍ୟ ମୁଁ ଓ ମୋର ସ୍ୱାମୀ ଦୁହେଁ ମିଶି ହାଡଭଙ୍ଗା ପରିଶ୍ରମ କରୁ କିନ୍ତୁ ସେ ବାବଦରେ ଆମକୁ ଉଚିତ ପାରିଶ୍ରମିକ ମିଳୁ ନାହିଁ ।

ମୁଁ ଦିନେ ଜାଣିଲି ଆଇନା ନାମକ ଗୋଟିଏ ସଂସ୍ଥା ଏଠାରେ କାମ କରୁଛି ସେ ମହିଳା ମାନଙ୍କର ଅଧିକାର ଉପରେ ଅବଗତ କରାଉଛି । ତା ପରେ ମୁଁ ଆଇନା ସଂସ୍ଥାର ବିଭିନ୍ନ କାଯ୍ୟକ୍ରମରେ ସାମିଲ ହୋଇ ସେୱା ୟୁନିୟନର ସଦସ୍ୟା ହୋଇ ଘରୋଇ ଶ୍ରମିକର ସମସ୍ତ ଅଧିକାର ବିଷୟରେ ଅବଗତ ହେଲି । ମୋ ଅସୁବିଧା ବିଷୟରେ ସଂଘର ଅନ୍ୟ ସଦସ୍ୟା ମାନଙ୍କ ସହିତ ଆଲୋଚନା କଲି । ଏହାପରେ ସଂଘର ଦୁଇଜଣ ସଦସ୍ୟା ଏହି ବିଷୟରେ ଆମ ଗାଁ ସାହୁକାରଙ୍କ ସହିତ କଥା ହେଲେ ଏବଂ ମାସକୁ ମାସ ଦରମା ବ୍ୟାଙ୍କ ଖାତାକୁ ଦେବାକୁ କହିଲେ । ଏବେ ମୁଁ ନିୟମିତ ଭାବରେ ଦରମା ପାଉଛି ଏବଂ ମୋର ପରିବାରର ଭଲମନ୍ଦ ବୁଝିପାରୁଛି ।